ଏପ୍ରିଲ -୨୦୧୫

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଟୁ

ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ବନ୍ଦେ ଉତ୍କଳ ଜନନୀ



ଉତ୍କଳ ଦିବସ - ବିଶେଷାଙ୍କ



ସୃଜନୀ ପରିବାର

ଚେନ୍ନାଇ,ତାମିଲନାଡୁ(ଭାରତ)



ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

"ହିରଣ୍ମୟୀ " - ବନ୍ଦେ ଉତ୍କଳ ଜନନୀ " - ବିଶେଷାଙ୍କ –

(ଉତ୍କଳ ଦିବସ -ଏପ୍ରିଲ -୨୦୧୯)

ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :



ବନ୍ଦେ ଉତ୍କଳ ଜନନୀ

ପ୍ରତିଭା ପରିଜା



ହେ ମୋର ଓଡିଶା

ସଚ୍ଚିଦାନନ୍ଦ କର



ଆମ ଉତ୍କଳ

ପ୍ରଶାନ୍ତ କୁମାର ନାଥ



ସେ ସୁଦିନ ନିଶ୍ଚେ ଆସିବ !

ବନ୍ଦିତା କର

ବନ୍ଦେ ଉତ୍କଳ ଜନନୀ

ରମେଶ ଚନ୍ଦ୍ର ପସାଏତ



ମାତୃଭୂମି ମୋ ଉତ୍କଳ

ତ୍ରିଲୋଚନ ପଣ୍ଡା



ଭାରି ଭଲ ଲାଗେ

ବାଉରୀବନ୍ଧୁ ଲେଙ୍କା



ପୁଣ୍ୟ ଉତ୍କଳ

ଅନ୍ୱିକା ସ୍ୱାଇଁ



ମୋ ଜନମ ଭୂଇଁ

ଅରୁଣା କର

ପୁଣ୍ୟ ଉତ୍କଳ ଭୂଇଁ

କେ ନିର୍ମଳ



ମାଟି ମା ମୋ ଉତ୍କଳ

କନକ ଲତା ଦାଶ



ବନ୍ଦେ ଉତ୍କଳ ଜନନୀ

ଅକ୍ଷୟ କୁମାର ବେହେରା



ଆମ ଓଡିଶା

ମନୋରମା ମିଶ୍ର



ଚିର ନମସ୍ୟା ଉତ୍କଳ ମାତା

ସୁପ୍ରଭା ସାମଲ



ସେହି ମାଟିକୁ ମୋର ପ୍ରଣାମ

ଜୟଶ୍ରୀ ପଟ୍ଟନାୟକ



ଧନ୍ୟ ମୋ ଉତ୍କଳ ଭୂଇଁ

ସୁଷମା ପରିଜା



ନବ୍ୟା ଭାରତୀ

ଦୀପକ ଦେ





ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରିଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ବନ୍ଦେ ଉତ୍କଳ ଜନନୀ

ରମେଶ ଚନ୍ଦ୍ର ପସାଏତ୍

ବ୍ରହ୍ମବିଭବ – ବିଜ୍ଞାନବିତ୍ତ
ମଙ୍ଗଳ କାନ୍ତି କଲ୍ଲୋଳିନୀ
ବିଶ୍ୱପ୍ରୀତି ବିନୋଦିନୀ
ବୀର ବିବୁଧ ବନ୍ଦିନୀ
ବନ୍ଦେ ଉତ୍କଳ ଜନନୀ
ଜନନୀ.. ଜନନୀ... ଜନନୀ....। ୧।

ଆହା ଏ ମାଟିର ମହିମା ଆପାର
ଶ୍ରୀମନ୍ଦିରେ ଏଠି ବ୍ରହ୍ମାଣ୍ଡ ଠାକୁର
ଆନନ୍ଦଲହରୀ ନାହିଁ ପଟାନ୍ତର
ଜନ୍ମିବାକୁ ଏଠି ଲୋଭ ଦେବତାର

ପୂତ ପାରାବାର ତରଙ୍ଗ ଅଧିର
ନିତ୍ୟ ଭକ୍ତି ଛନ୍ଦେ କ୍ଷାଳଇ ପୟର
ଆତ୍ମପ୍ରତ୍ୟୟର ମଳୟ ସମୀର
ପ୍ରତି ଶ୍ରୁତିପଥେ ଉଚ୍ଚାରେ ଓଁ କାର

ମଧୁ ହାସିନୀ ମଧୁ ଭାଷିଣୀ
ପ୍ରାଣେ ପ୍ରାଣେ ପ୍ରେମ ସନ୍ଦୀପନୀ
ବନ୍ଦେ ଉତ୍କଳ ଜନନୀ
ଜନନୀ..ଜନନୀ...ଜନନୀ.... । ୨।

ଋତୁ ରାଗିଣୀ ଚିର ହ୍ଲାଦିନୀ
ତନୁ ରେଣୁ ସ୍ନେହ ବିଧାୟିନୀ
ବନ୍ଦେ ଉତ୍କଳ ଜନନୀ
ଜନନୀ...ଜନନୀ...ଜନନୀ..... । ୩ ।

ମୃତ୍ୟୁ ପରେ ଜନ୍ମ ଯଦି ଧ୍ରୁବ ସୂକ୍ତି
ପ୍ରତି ଜନ୍ମେ ତାର କୋଳ ହେଉ ପ୍ରାପ୍ତି
ତା କୀର୍ତ୍ତି ଭାରତୀ ସଂସ୍କୃତି ସଂହତି
ବର୍ଦ୍ଧନେ ଜୀବନ ହେଉ ଦୃଢ ବ୍ରତୀ
ମହି ମଣ୍ଡିନୀ ରତ୍ନ ଗର୍ଭଣୀ
କମନୀୟ କୀର୍ତ୍ତି କୀରିଟିନୀ
ବନ୍ଦେ ଉତ୍କଳ ଜନନୀ
ଜନନୀ... ଜନନୀ...ଜନନୀ...। ୪ ।

ନି, ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ ,
କଣ୍ଟେଇକେଲା,ଝାରସୁଗୁଡା

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରିଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ବନ୍ଦେ ଉତ୍କଳ ଜନନୀ

ପ୍ରତିଭା ପରିଜା

ବନ୍ଦେ ଏ ମାଟି ଆକାଶ
ବନ୍ଦେ ଏ ପାଣି ପବନ
ବନ୍ଦନା କରେ ଏ ସବୁଜ ବନାନୀ
ଏ ନଦୀ ଏ ଝରଣା ଅରଣ୍ୟାନୀ
ଗାଏ ଉତ୍କଳ ମାତା ର ଗାଥା ,
ନୁଆଁଏ ତାର ଚରଣେ ମଥା
ଗର୍ବ ଗୌରବ ଯେତେ ଉତ୍କଳ ମାତା ର
କୋଳ ରେ ଧରିଛି ଯେ ପ୍ରକୃତି ର ସମ୍ଭାର ।।
ଏ ମାଟି ର ନିହଣ ଯେଉଁଠି ଗଢେ କୋଣାର୍କ
ଏ ମାଟିର ଲେଖନୀ ଲେଖେ
କେତେ ଅମର କାବ୍ୟ ର ପୃଷ୍ଠା ।।
ଏ ପବନେ ଉଡୁଥାଏ ବଡ ଦାଣ୍ଡ ଧୂଳି
ଭାସୁ ଥାଏ ମହା ପ୍ରସାଦ ର ବାସ୍ନା ।।
ଏ ମାଟି ଗାଉଥାଏ ଗୌରବ ର ଗାଥା ।।
ଯେଉଁଠି ଗଛ ପତ୍ର ରେ ବି ଭରପୁର
ସାହିତ୍ୟ ସଂସ୍କୃତି ର କାହାଣୀ ,
ବଡ ଦେଉଳ କହେ
ବଡ଼ ଦିଅଁ (ଏ ଜାତି ର ମୁରବି) ଙ୍କ କାହାଣୀ ।।
ଶୂନ୍ୟତା ରେ ବି ଭରିଥାଏ
ମାଟି ରୁ ଆକାଶ ଯାଏ
ଉତ୍କଳ ଗର୍ବ ଗୌରବ ର କାହାଣୀ
ପ୍ରତିଟି ପ୍ରାଣ ଆଜି
ବନ୍ଦେ ଉତ୍କଳ ଜନନୀ ।।।

।। ସିଡିଏ , କଟକ ।।



ସୃଜନୀ ପରିବାର

ଚେନ୍ନାଇ,ତାମିଲନାଡୁ(ଭାରତ)



ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମାତୃଭୂମି ମୋ ଉତ୍କଳ



ତ୍ରିଲୋଚନ ପଣ୍ଡା

ଗର୍ବ ଗଉରବ ଆନନ୍ଦର ପର୍ବ
ଉତ୍କଳ ଦିବସ ଆଜି
ଭାଷା ଭିତ୍ତି ଯାର ବନ୍ଧନର ମୂଳ
ବକ୍ଷେ ଭରା କୀର୍ତ୍ତି ରାଜି ॥

ପଠାଣ ମୋଗଲ ମରହଟ୍ଟା ଇଂରେଜ
କବଳରୁ ପାଇ ମୁକ୍ତି
ସ୍ୱାଧୀନ ଦେଶରେ ଆପଣା ଯଶରେ
ବିଦିତ ଓଡିଆ ଜାତି ॥

କୋଣାର୍କର ସୂର୍ଯ୍ୟ ମନ୍ଦିରର କାର୍ଯ୍ୟ
ଅନବଦ୍ୟ କଳାକୃତି
ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
ପାଇକ ବୀରର କୀର୍ତ୍ତି ॥

ସୁନୀଳ ସାଗର କୂଳେ ନୀଳାଚଳ
ଯହିଁ ବିଜେ ଜଗନ୍ନାଥ
ସାରା ବିଶ୍ୱ ତାର ଦର୍ଶନ ଅଧୀର
ମଥା କରି ଅବନତ॥

ବସ୍ତ୍ର ପାଇଁ ଖ୍ୟାତ ନୃତ୍ୟରେ ବିଖ୍ୟାତ
ମାତୃଭୂମି ମୋ ଉତ୍କଳ
ଉତ୍କଳ ଦିବସେ ହୃଦୟ ହରଷେ
ଆନନ୍ଦରେ ଛଳ ଛଳ॥

ଯୋଗାଯୋଗ ----୯୪୩୯୧୯୭୫୬୦

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହେ ମୋର ଓଡ଼ିଶା



ଡକ୍ଟର ସଚ୍ଚିଦାନନ୍ଦ କର

ହେ ମୋର ଓଡ଼ିଶା,ଜନନୀ ଓଡ଼ିଶା
ମୋ ପ୍ରିୟ ଜନମ ଭୁଇଁ
ଦୁଃଖ ଭୁଲି ମୁଁ ଯେ ହୁଏ ପୁଲକିତ
ମାଟି ତୋର ଦେଲେ ଛୁଇଁ । ୧।

ଏଇ ମୋ ଜୀବନ ମୋ ମନ ପରାଣ
ହସ ଲୁହ ମୋର ଯେତେ
ତୋତେ ଦେଇ ସବୁ ପାଇଛି ତୋ ଠାରୁ
ସେନେହ ଶରଧା କେତେ । ୨।

ଯାହା ମୁଁ କରିଛି ଯାହା ମୁଁ ପାଇଛି
ସବୁ କିଛି ତୋତେ ନେଇ
ବଡ଼ କରି ମୋତେ ତୁହି ତ ଗଢ଼ିଛୁ
ଶୁଭାଶିଷ ତୋର ଦେଇ । ୩।

ତୋର ଗଛ ଲତା ପାଣି ପବନର
ଶକତି କେତେ ମୁଁ ଜାଣେ
ତୋର ଏ ସୁନ୍ଦର ମନଲୋଭା ରୂପ
ମନକୁ ମୁଁ ନିତି ଆଣେ । ୪।

ମୁହିଁ ତୋର ବୋଲି ମୋ ବେଶ ,ଭାଷାରୁ
ହୋଇଯାଏ ପରା ବାରି
ମାଆ ମନ ତୋର ମୋହରି ପାଇଁ କି
ହେଉଥାଏ ସଦା ଘାରି । ୫।

କେତେ ବେଳେ ହେଲେ ଆଖିରେ ପଡ଼ିଲେ
ଅଭାବ କଷଣ ତୋର
କେଜାଣି କାହିଁକି ଗଡ଼ିଯାଏ ଲୁହ
ନୀରିହ ଆଖିରୁ ମୋର । ୬।

ତୋ ବୀର ପୁଅର ତୋହରି କଳାର
କରେ ମୁହିଁ ଜୟ ଜୟ
ହେ ମୋର ଓଡ଼ିଶା ମୁଁ ଜଣେ ଓଡ଼ିଆ
ଏହି ମୋର ପରିଚୟ । ୭।

' ନିର୍ମାଲ୍ୟ ' ନୂଆପଡା, ନୟାବଜାର, କଟକ - ୪

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଭାରି ଭଲ ଲାଗେ

ବାଉରିବନ୍ଧୁ ଲେଙ୍କା

ହୋଇଥାଉ ପଛେ
ଭଙ୍ଗା ଚାଳଘର
ମାଟିକାନ୍ଥ ,ବାଡତାଟି ।
ତୋହରି କୋଳରେ
ଶୋଇଗଲେ ମୋତେ
ଭାରି ଭଲ ଲାଗେ
ତୁହି ମା ଉତ୍କଳମାଟି ॥୧॥

ତୋ ପାଣି ପବନ
ନଦୀ ଗିରି ବନ
ପୁର ପଲ୍ଲୀ ତୋଟାମାଳ ।
ତୋ ଗାଆଁ ଦାଣ୍ଡରେ
ସଂଜ ସକାଳରେ
ଭାରି ଭଲ ଲାଗେ
ପିଲାଙ୍କର ଧୂଳିଖେଳ ॥୨॥

ତୋ ଐତିହ୍ୟ ଗୀତି
ତୋ କଳା ସ୍ଥପତି
ଦେଖି ଫୁଲିଉଠେ ଛାତି ।
ପୁଣ୍ୟ ନୀଳାଚଳ
ବୌଦ୍ଧ କୀର୍ତ୍ତିସ୍ଥଳ
ଭାରି ଭଲ ଲାଗେ
କୋଣାର୍କ ସ୍ଥାପତ୍ୟ କୀର୍ତ୍ତି ॥୪॥

ପଣା ସଂକରାନ୍ତି
ଅକ୍ଷୟ ତୃତୀୟା
ତାପରେ ରଜ ପରବ ।
ନୂଆଖାଇ ପରେ
ଦେବୀ, ଦଶହରା
ଭାରି ଭଲ ଲାଗେ
ଫଗୁଣେ ଦୋଳ ଉତ୍ସବ ॥୫॥

ରଜ ଦୋଳିଖେଳ
କୁମାର ପୁନେଇଁ
ପୁଚି ଖେଳ ଡଙ୍ଗାଭସା ।
ଜାଗର ଯାତରା
ହୋଲି ଫଗୁ ଖେଳ
ଭାରି ଭଲ ଲାଗେ
ମାର୍ଗଶୀର ମାଣବସା ॥୬॥

ବୈଶାଖେ ଚନ୍ଦନ
ଜ୍ୟେଷ୍ଠମାସେ ସ୍ନାନ
ଆଷାଢେ ଗୁଣ୍ଡିଚା ଯାତ ।
ପୁରୀ ଶଙ୍ଖକ୍ଷେତ୍ର
ବିଜେ ଜଗନ୍ନାଥ
ଭାରି ଭଲଲାଗେ
ବଡଦାଣ୍ଡେ ତିନି ରଥ ॥୭॥

ଅତି ମନୋହର
ସୁଦୀର୍ଘ ସାଗର
ସୁରମ୍ୟ ଚିଲିକା ହ୍ରଦ ।
ପକ୍ଷୀ ନାନା ଜାତି
ଆନନ୍ଦେ ଖେଳନ୍ତି
ଭାରି ଭଲ ଲାଗେ
କାଳିଜାଇ ପାରିକୁଦ ॥୮॥


ତୋ ଐତିହ୍ୟ ଗୀତି
ସଦ୍ଭାବ ସଂପ୍ରୀତି
ସାରା ଜଗତରେ ସାର ।
ତୋ ପାଣି ପବନେ
ଗଢା ଏ ଶରୀର
ଭାରି ଭଲ ଲାଗେ
ଜନମ ନେବାକୁ
ତୋ କୋଳରେ ବାରମ୍ବାର ॥

ଭୁବନେଶ୍ୱର

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସ୍‌ବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଆମ ଉତ୍କଳ

ପ୍ରଶାନ୍ତ କୁମାର ନାଥ



ଉତ୍କଳ ବୋଲିକି ଏଧରା ଧାମରେ
ନଥିଲା ଗୋଟାଏ ରାଜ୍ୟ
ଅନ୍ୟ ରାଜ୍ୟ ସହ ମିଶି ରହୁଥିଲା
ମିଳୁ ନଥିଲା ନ୍ୟାର୍ଯ୍ୟ ।

ନଥିଲା ଆମର ଭାଷା ପରିଚୟ
ନଥିଲା ସ୍ୱତନ୍ତ୍ର ସ୍ଥାନ
ଉଣେଇଶି ଶହ ଛତିଶି ମସିହା
ଦେଲାତ ଆମକୁ ମାନ ।

ଥିଲା ସେହି ଦିନ ଏପ୍ରିଲ ପହିଲା
ପ୍ରଦେଶ ଗଠନ ହେଲା
ଉତ୍କଳ ନାମରେ ଆମକୁ ସେଦିନ
ନୂଆ ପରିଚୟ ଦେଲା ।

ଆମ ଉତ୍କଳର ଜାଗ୍ରତ ପ୍ରହରୀ
ଗଙ୍ଗାଧର ରାଧାନାଥ
ଫକୀରମୋହନ ମଧୁ ବାରିଷ୍ଟର
କରିଲେ ଭାଷା ଉନ୍ନତ ।

ଗୋପବନ୍ଧୁ ଦାସ ନୀଳକଣ୍ଠ ଦାସ
କୃଷ୍ଣଚନ୍ଦ୍ର ଗଜପତି
ଓଡିଶା ପ୍ରଦେଶ ଗଠନ କରିଣ
ବଢ଼ାଇଲେ ଆମ ଖ୍ୟାତି ।

କଲମରୁ ତାଙ୍କ ଝରି ପଡୁଥିଲା
ଭାଷାର ଅମୃତ ଧାର
ଯେଉଁ ଭାଷା ଆଜି ସମସ୍ତଙ୍କ ପାଇଁ
ଲାଗୁଛି ଭାରି ମଧୁର ।

ଯେଉଁ ଉତ୍କଳର ଗିରିବନ ଆଜି
କିଣୁଛି ସଭିଙ୍କ ମନ
ଯା' ପାଣି ପବନ ସାଜିଅଛି ଆଜି
ସଭିଙ୍କ ହୃଦ ସ୍ପନ୍ଦନ ।

ଶସ୍ୟ ଶ୍ୟାମଳା ସେ ମନ୍ଦିର ମାଳିନୀ
ଫୁଲ ଫଳେ ସୁବାସିତ
ସେହି ଉତ୍କଳର ଗୌରବର ଗାଥା
ଗାଉଛି ଆଜି ଜଗତ ।

ସବୁଠି ଆଦର ଉତ୍କଳ ମୋହର
ମଧୁର ତାହାରି ଭାଷା
ସାରା ରାଇଜରୁ ଅଟେ ଅନ୍ୟତମ
ସୁନ୍ଦର ଆମ ଓଡିଶା ।


****

ସୁନ୍ଦରପୁର,ଉତ୍ତରକୂଳ ହାଟ,
ପ୍ରୀତିପୁର,ଯାଜପୁର
ମୋ-୦୮୮୯୨୩୦୧୧୪୩

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



" ପୂଣ୍ୟ ଉତ୍କଳ "

ଅମ୍ବିକାସ୍ୱାଇଁ

ହେ ! ପୂଣ୍ୟ ଉତ୍କଳ ମୋର ମାଟି "ମାଆ"
ଜନମିଛି ତୋର କୋଳେ
ଭାରି ଗର୍ବ ଲାଗେ ତୁ ମୋର ଜନନୀ
ରଖିଛି ଅନ୍ତର ତଳେ ।୧।

ମାଆ, ମାଆ,ବୋଲି ଡାକିଲେ ତୋତେ ଯେ
କହୁ ନାହୁଁ ଓହୋ ବୋଲି
ନୀରବରେ ରହି ସବୁ ଦେଖୁ ଅଛୁ
ଏକଥା ହେବ କି ଭୁଲି !!! ।୨।

ତୋହରି କୋଳରେ ଜନ୍ମ ନେଇଥିଲେ
କେତେ ମହା,ମହା ବୀର
ତୋ" ଉନ୍ନତି ପାଇଁ ସଙ୍ଘର୍ଷ କରି ସେ
ଗଲେଣି ସରଗପୁର ।୩।

କେତେ ଲଢୁଥିଲେ ସ୍ୱତନ୍ତ୍ର ଉତ୍କଳ
ଗଠନ କରିବା ପାଇଁ
ମଧୁସୂଦନ ଓ ଗୋପବନ୍ଧୁ ଦାସ
ଫକିର ମୋହନ ଯହିଁ ।୪।

ଜୟୀ ରାଜଗୁରୁ କୃଷ୍ଣଚନ୍ଦ୍ର ଦେବ
କବି ରାଧାନାଥ ରାୟ
କେତେ ଯେ ମନିଷୀ ମାନଙ୍କ ସକାଶେ
ଉତ୍କଳ ର ହେଲା ଜୟ ।୫।

ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଦିନ
ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଲା
ଉକ୍ତ ସ୍ମରଣୀୟ ଦିନ ।୬।

ସୁଜଳା , ସଫଳା ବୀର ପ୍ରସବିନୀ
ଆମ ଉତ୍କଳ ଜନନୀ
ତୋହରି ବୁକୁରେ ଭରପୁର ଅଛି
ଅମୂଲ୍ୟ ରତ୍ନ ର ଖଣି ।୭।

ତଥାପି ତୁ ଆଜି ଦରିଦ୍ର କାହିଁକି
ଝାରୁଛୁ ଆଖିରୁ ଲୁହ
ସାରା ବିଶ୍ୱରେ ତୋ ମହିମା ମଣ୍ଡିତ
କେ ଜାଣିନି ତୋତେ କହ !!? ।୮।

କାଳିଆ ସାଅନ୍ତ ପ୍ରଭୁ ଜଗନ୍ନାଥ
ଆମରି ଇଷ୍ଟ ଦେବତା
ଉତ୍କଳ ସଂସ୍କୃତି କୋଣାର୍କ କୀରତି
ଧଉଳି ର ବୀର ଗାଥା ।୯।

ମନ୍ଦିର ମାଳିନୀ ଭୁବନେଶ୍ୱର ଯେ
କହେ ରାଜଧାନୀ କଥା
ଲିଙ୍ଗରାଜ ଦେବ,କେଦାର ଗୌରୀ
ଗାଏ ଇତିହାସ ଗାଥା ।୧୦।

ଓଡ଼ିଶୀ ର ଛନ୍ଦ, ଗୋଟି ପୁଅ ନାଚ
ପଟ୍ଟଚିତ୍ର ବାନ୍ଧ କଳା
ନିଖୁଣ ଚାନ୍ଦୁଆ, ପଖାଳ, ଡ଼ାଲମା
ପିଠାପଣା, ନୃତ୍ୟ କଳା ।୧୧।

ସାଧବ ପୁଅର ବୋଇତ ବନ୍ଦାଣ
ପାଇକ ପୁଅ ଆଖଡ଼ା
କେତେ କୀର୍ତ୍ତି ରାଜି ସମ୍ପଦ ରେ ଭରା
ତୋହରି ଛାତିରେ ଛିଡ଼ା ।୧୨।

ହେ" ପୁଣ୍ୟ ଉତ୍କଳ ମାତୃ ଦେବୀ ତୁମେ
ନ ହେଉ ତୁମର କ୍ଷୟ
ଜୟ, ଜୟକାର ଧ୍ୱନିର ଉଚ୍ଚାରେ
ଉନ୍ନତିର ହେଉ ଜୟ ।୧୩।

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରିଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ସେ ସୁଦିନ ନିଶ୍ଚେ ଆସିବ !

ବନ୍ଦିତା କର

ଧୀର ପଦପାତେ ଆସିବ ମୋ ମା...
ସୁବର୍ଣ୍ଣ ସମ୍ଭାରେ ପୂରିବ ମୋ ଗାଁ !
ସେ ସୁଦିନ ନିଶ୍ଚେ ଆସିବ ..!
ଛାତି ତଳେ ଏକ ଶାନ୍ତିର ଉଚ୍ଛ୍ୱାସ
ଆଖି ପଲକରେ ହସିବ !
ସେ ସୁଦିନ ନିଶ୍ଚେ ଆସିବ !

ସବୁଜ ସୃଜନୀ କୁହୁକ ପରଶେ
ମାଟି ମା ହସିବ, ନବବଧୂ ବେଶେ
ଝରଣା ସତେ କି କଟିର କିଂକିଣି
କୁଳୁକୁଳୁ ଛନ୍ଦେ ବାଜଇ ବିଶେଷେ
ବନ,ଉପବନ,ଗିରି ଓ ପ୍ରାନ୍ତରେ
ପୂର୍ଣ୍ଣତାର ଭାବ ଆସିବ ,
"ସୁନ୍ଦର ତୃପ୍ତି " ର ନବ ଉନ୍ମାଦନେ
ଚତୁର୍ଦ୍ଦିଗ ତୋରା ଦିଶିବ !
ସେ ସୁଦିନ ନିଶ୍ଚେ ଆସିବ ..!

ଅଲିଭା ଅତୀତ ପୁନଃ ଉଜ୍ଜୀବିତ
ଜାତୀୟ ଚେତନା ହୋଇବ ଜାଗ୍ରତ
ଦେଶ ମାତୃକାର ପୀରତି ଭାବରେ
ପ୍ରତି ଉତ୍କଳୀୟ ହେବ ମନ୍ତ୍ରସିକ୍ତ
ମୋ ଓଡିଶା ମାଟି ଗର୍ବ-ଗଉରବ
ଇତିହାସ ରଚି ଚାଲିବ ,
ଆଶିଷର ଏକ ଅଫୁରନ୍ତ ବନ୍ୟା
ସନ୍ତାନ ପାଇଁ କି ଛୁଟିବ !
ସେ ସୁଦିନ ନିଶ୍ଚେ ଆସିବ, ମୋ ମାଟି ମା ହସିବ !
ସେ ସୁଦିନ ନିଶ୍ଚେ ଆସିବ ....!!!!

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସ୍‌ବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୋ ଜନମ ଭୂଇଁ



ଅରୁଣା କର

ଏଇ ମୋର ପ୍ରିୟ ଜନମ ଭୂଇଁ
ଉତ୍କଳ ଯାହାର ନାଆଁ,
ତା ପାଣି ପବନେ ଗଢା ମୋ ଶରୀର
ଅତି ପ୍ରିୟ ମୋର ମାଆ ।

ମହାନଦୀ ଯାର ଚରଣ ପଖାଳେ
କୋଣାରକ ଗାଥା ଗାଏ,
ବଙ୍ଗୋପସାଗର ମେଖଳା ଯାହାର
ଚିଲିକା ମନକୁ ମୋହେ ।

ଉଭା ହୋଇଛନ୍ତି କାଳିଆ ଠାକୁର
ଉତ୍କଳର ଭୂମି ପରେ,
ଫର ଫର ଉଡେ ଶ୍ରୀମନ୍ଦିର ନେତ
ଭସାଏ ଭକ୍ତି ସାଗରେ ।

ଉତ୍କଳ ମାଆର କୋଳେ ଜନମିଲେ
କେତେ ଦେଶଭକ୍ତ ବୀର,
ଗୋପବନ୍ଧୁ,ବିଜୁ ,ନେତାଜୀ ,ସୁବାଷ
ସାଏ, ମଧୁ ବାରିଷ୍ଟର ।

ଇଂରେଜ ସାଥିରେ ଲଢ଼ିକି ଜିତିଲେ
ସ୍ୱତନ୍ତ୍ର ହେଲା ଉତ୍କଳ,
ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ
ପ୍ରାଣ ହେଲା ଛଳ ଛଳ।

ଆମରି ହୃଦୟ ଗରବରେ କହେ
ଉତ୍କଳ ମାଆ ସନ୍ତାନ,
ମନ ପ୍ରାଣ ଦେବା ତା ଉନ୍ନତି ପାଇଁ
ରଖିବା ତାହାର ମାନ।

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଦ୍ଧୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ପୁଣ୍ୟ ଉତ୍କଳ ଭୂଇଁ

କେ.ନିର୍ମଳ

ଶାସନ ଚାଲିଛି
ନାଁ କୁ ସିନା ସେ
କାହା ପାଇଁ କିଏ ଭାବେ,
ଅରାଜକତା ଯେ ବଢେ ଦିନକୁ ଦିନ
ଆମ୍ଭାର ଡାକ ଶୁଭେ ।

ଅଭୂଲା କୀରତି
ବିଶ୍ୱରେ ପ୍ରସିଦ୍ଧି
ଥିଲା ଏଇ ଜାତି ଦିନେ ସଫଳ ,
ବୀର ଭୂଇଁ ଏଇ
ତୁଳନା ଯା' ନାହିଁ
ପାଇକ ପୁଅ ଯେ ଯୁଦ୍ଧେ ପ୍ରବଳ ।

ଇତିହାସ ଗାଏ
ଏ ମାଟି ଅତୀତ
ଯତନ କରିବା ଆସ ସଅଳ ,
ଏଇ ମାଟି ପାଇଁ
ଦେବାରେ ଜୀବନ
ବିଶ୍ୱରେ ପଡ଼ିବ ସିନା ଚହଳ ।

ବୀର କହିଅଛି
ତା ଓଠ ଭାଷାରେ
ତୁମେ ମୋ ଜନନୀ ବୋଲି ।
କେତେ ଲୁହ,
ରକ୍ତ ମାଂସ ରେ ଭିଜିଛି
ଏ ପୁଣ୍ୟ ଉତ୍କଳ ଭୂଇଁ ।।

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସ୍‌ବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମାଟି ମା' ମୋ ଉତ୍କଳ

କନକ ଲତା ଦାଶ୍

ଏଇ ମାଟି ଏଇ ପାଣି ପବନ ରେ
ଗଢ଼ା ଯେ ଜୀବନ ମୋର
ଧନ୍ୟ ହେଇଛି ହେଉଥିବି ସଦା
କରି ତାର ଜୟ କାର । ୧।

ଯେଉଁ ଭାଷା ମତେ ଶବ୍ଦ ଦେଇଛି
ଓଠ ରେ ଦେଇଛି ହସ
ସେଇ ମୋ ଗର୍ବ ପରିଚୟ ମୋର
ଜୀବନ ର ଅଧିବାସ । ୨ ।

ଯେତେ କ୍ଷୋଭ ଯେତେ ଆଶା
ଅଭିମାନ ବିମ୍ବିତ ହୁଏ ତହିଁ
ସଜେଇ ଦିଏ ତା ଶବ୍ଦ କୋଷ ରୁ
ଶବ୍ଦ ସାଉଁଟି ନେଇ । ୩ ।

ସବୁଠାରୁ ମିଠା ତା ପାଣି ପବନ
ଅତୀତ ବୀରତ୍ୱ ଗାଥା
ଦୁର୍ଗ ବାରବାଟୀ ଖଣ୍ଡଗିରି କହେ
ଅଶ୍ରୁତ ଅପୂର୍ବ କଥା । ୪।

ଯେ ମାଟି ର ପୁଅ ସାଗର କୁ ଲଙ୍ଘି
ଆଣେ ଅସୁମାରୀ ଯଶ
ଧନ ଧାନ୍ୟ ର ବିଭବ ରେ ଭରା
ଥିଲା ସେ ବିଗତ ବର୍ଷ । ୫।

ଅପୂର୍ବ ଶୋଭା ରେ ବିମଣ୍ଡିତ ଏଇ
ଉତ୍କଳ ଜନନୀ ମୋର
ସାଗର ର ଢେଉ ପାଦ ଛୁଇଁ ସଦା
ବନ୍ଦନା କରେ ତାର । ୬।

ଖେଳିଛି ବୁଲିଛି ଜୀବନ ଜିଇଛି
ଯେଉଁ ଜନନୀ ର କୋଳେ
ହୃଦୟ ରୁ ଶତ ପ୍ରଣାମ କରେ ମୁଁ
ଆଜି ତା ପୂତ ପୟରେ। ୭।

ଜନ୍ମ ପରେ ଜନ୍ମ କାମ୍ୟ ମୋହର
ଏହି ଜନନୀ ର କୋଳ
ଉତ୍କଳୀୟ ମୁଁ ସବୁଠାରୁ ପ୍ରିୟ
ଏଇ ମାଟି ମାଆ ମୋର । ୮।

କଟକ

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଯ୍ୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବନ୍ଦେ ଉତ୍କଳ ଜନନୀ



ଅକ୍ଷୟ କୁମାର ବେହେରା

କବିର କବିତା ହୃଦୟର ବ୍ୟଥା
କେତେ ବେଳେ ଓଠେ ହସ,
ଆଙ୍କି ଦିଏ କବି ପ୍ରକୃତିର ଛବି
ଜନ୍ମଭୂମି କୀର୍ତ୍ତି ଯଶ ।୧।

ଉତ୍କଳ ସନ୍ତାନ ଗର୍ବେ ମୋର ମନ
ସଦା ହୁଏ ଆନନ୍ଦିତ,
ଲେଖନୀ ମୂନକୁ ଲେଖାର କଳାକୁ
ସାହା ପ୍ରଭୁ ଜଗନ୍ନାଥ ।୨।

ପରାଧୀନ ହୋଇ ସ୍ୱତନ୍ତ୍ର ହରାଇ
ଥିଲା ଦିନେ ଆମ ରାଜ୍ୟ,
ଅନ୍ୟ ରାଜ୍ୟେ ପଶି ରହି ଥିଲା ମିଶି
କରିନ ପାରିଲେ ଶଯ୍ୟ ।୩।

ଫକିରମୋହନ ଆମ ଗଣ୍ଧିଧନ
ଗୋପବନ୍ଧୁ, ମଧୂବାବୁ,
ସ୍ୱାର୍ଥ ବଳି ଦେଇ ଏକତ୍ରିତ ହୋଇ
ଲଢି ଥିଲେ ମିଶି ସବୁ ।୪।

ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଦିନ,
ସ୍ୱତନ୍ତ୍ରତା ପାଇ ଓଡିଶାର ଭୂଇଁ
ପାଇଲା ତାର ସମ୍ମାନ ।୫।

ମୁଁ ଅଟେ ଅଜ୍ଞାନ ପ୍ରଣାମ ମୋ ଘେନ
ହେ ମହାପୁରୁଷ ଜ୍ଞାନି,
ଭକ୍ତି ହୃଦୟରେ ନମନ ମୁଁ କରେ
"ବନ୍ଦେ ଉତ୍କଳ ଜନନୀ" ।୬।

ଭାମ୍ୟଭାଷ:-୯୩୪୮୮୧୯୯୧୭

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଆମ ଓଡିଶା

ମନୋରମା ମିଶ୍ର

ଓଡିଶାରେ ଆମ ପର୍ବ ପର୍ବାଣୀ
ପ୍ରଥା ସଂସ୍କାର ଐତିହ୍ୟ ଯେତେ
ତ୍ୟାଗ ବିପ୍ଳବ କୀର୍ତ୍ତି ସ୍ମାରକୀ
ଗୌରବ ଗାଥା ରହିଛି କେତେ । ୧ ।

କେତେ ଶୂର ବୀର ,ଜ୍ଞାନୀ ଗୁଣୀ ନର
ଜାତି ପ୍ରେମୀ ,ଧର୍ମୀ ,ଶିଳ୍ପୀ ,କବି
ସ୍ୱାକ୍ଷର ତାଙ୍କ ରଖି ଯାଇଛନ୍ତି
ଏଇ ମାଟି କୋଳେ ଜନମ ଲଭି । ୨ ।

ବିଶ୍ୱରେ ଖ୍ୟାତ ପୁରୀ ଜଗନ୍ନାଥ
ବଡ ଦାଣ୍ଡେ ରଥ ଯାତ୍ରା ଆମ
ଦେଶ ବିଦେଶକୁ ମୁଗ୍ଧ କରିଛି
ସୂର୍ଯ୍ୟ ମନ୍ଦିର ସୂକ୍ଷ୍ମ କାମ । ୩ ।

ଭଗ୍ନ ବାରବାଟୀ ବରୁଣେଇ ବକ୍ଷେ
ଆଜି ବି ଶୁଭୁଛି ବୀରର ବାଜା
ଦୟାନଦୀ ତୀରେ ଧଉଳି ପାହାଡ଼
ବସିଛି ଉଡାଇ ମୈତ୍ରୀ ଧ୍ୱଜା । ୪ ।

ଜାତି ଭାଇଙ୍କର ରଖିଥିଲା ଟେକ
ବିସର୍ଜ୍ଜି ଧରମା ଆପଣା ପ୍ରାଣ
ଦେଶ ପାଇଁ ଛାତି ପତାଇ ବାଜିଆ
ସହିଥିଲା ଗୋରା ଅରାତି ବାଣ । ୫ ।

ଦେବୀ ସରସ୍ୱତୀ କୃପାରେ ଜନମି
ବିଦୁଷୀ ବିଦ୍ୱାନ କବି ନିଚୟ
ଆପଣା ସର୍ଜନା ବଳେ ଦେଇଛନ୍ତି
ମାତୃଭାଷାକୁ ସ୍ୱପରିଚୟ । ୬ ।

ଓଡ଼ିଶାର ପର୍ବ ପରମ୍ପରା ଯେତେ
ଭୁଲିନାହୁଁ ଭୁଲିବୁନି ତ କେବେ
ଆମରି ସାଧବ ବୋଇତ ବଣିଜ
ମନେରଖି ଡଙ୍ଗା ଭସାଉ ଏବେ । ୭ ।

ଆମ ଭାଗବତ ଗୀତ ଗୋବିନ୍ଦରେ
ରହିଛି ସଂସ୍କୃତି ଧର୍ମର କଥା
ଓଡିଶୀ ସଙ୍ଗୀତ ନୃତ୍ୟର ତାଳେ
ଝଙ୍କୃତ ହୁଏ ଓଡ଼ିଆ ଗାଥା । ୮ ।

ସମ୍ବଲପୁରୀ ପାଟଶାଢ଼ୀ ଆମ
ଓଡିଶା ବାହାରେ ହୁଏ ଚୟନ
ତାରକସି କାମ ପିପିଲି ଚାନ୍ଦୁଆ
ଝଲସାଇ ଦିଏ ଆନ ନୟନ । ୯ ।

ସିଦ୍ଧାନ୍ତ ଦର୍ପଣ ପାଇଁ ଛୁଟିଥିଲା
ସାରଦୁନିଆର ପ୍ରଶଂସା ସୁଅ
ବାଲୁକା କଳାରେ ଲଭିଛି ଉତ୍କର୍ଷ
ଅଧୁନା ଆମରି ଓଡ଼ିଆ ପୁଅ । ୧୦ ।

ଓଡ଼ିଆଣୀ କୃଚ୍ଛ ବ୍ରତ ଉପବାସ
ସାରା ପରିବାର ସମୃଦ୍ଧି ପାଇଁ
ସମୃଦ୍ଧ ଆମ ଭାଷା ସମ୍ଭାରେ
ମାତୃଭାଷା ଯେ ମହିମାମୟୀ । ୧୧ ।

ଆମ ସଂସ୍କୃତିରେ ଘରେ ଘରେ ଏଠି
ମହା ସମାରୋହେ ନାନାଦି ପର୍ବେ
ଦେବ ଦେବୀ ସାଥେ ମାଟି ପାଣି ଅଗ୍ନି
ଆକାଶ ପବନ ପୂଜନ୍ତି ସର୍ବେ । ୧୨ ।

ଧର୍ମ ଐତିହ୍ୟ ,ଭାଷା ,ସଂସ୍କୃତି
ଜ୍ଞାନ ବିଜ୍ଞାନେ ଭରା ଏ ମାଟି
ଏଇ ମାଟି କୋଳେ ଜନ୍ମିଛୁ ଆମେ
ଗର୍ବେ ବଞ୍ଚିଛୁ ଫୁଲାଇ ଛାତି । ୧୩ ।



ସୃଜନୀ ପରିବାର

ଚେନ୍ନାଇ,ତାମିଲନାଡୁ(ଭାରତ)



ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଚିର ନମସ୍ୟା ଉତ୍କଳ ମାତା



ସୁପ୍ରଭା ସାମଲ

ଯେଉଁ ମାଆ କୋଳେ ଜନମ ହୋଇ ମୋ'
ଜୀବନ ହୋଇଛି ଧନ୍ୟ
ସେଇ ମାଟି ଛୁଇଁ ପାଇଛି ଆଜି ମୁଁ
କୋଟି ଜନମର ପୁଣ୍ୟ ।

ଶସ୍ୟ, ଶ୍ୟାମଳା, ମନ୍ଦିର ମାଳିନୀ
ଚିର ନମସ୍ୟା ଉତ୍କଳ ମାତା
ମାଟି ତା'ର ଗାଏ ଅତୀତ କୀର୍ତ୍ତି
ଗର୍ବ, ଗୌରବ ଗାଥା ।

ମହାନ ମୋ ରାଜ୍ୟ କଳା, ସଂସ୍କୃତି
ମହାର୍ଘ ମୋ'ପରମ୍ପରା
ଆଧ୍ୟାତ୍ମିକତା ର ଚିର ସାକ୍ଷୀ ହୋଇ
ରହିଛି କେବେଠୁ ପରା ।

ସବୁଠୁ ସୁନ୍ଦର ସବୁଠୁ ମଧୁର
ଓଡ଼ିଆ ମୋହରି ଭାଷା
ସାରା ବିଶ୍ୱରେ ମହିମା ମଣ୍ଡିତା
ଜନ୍ମ ମାଟି ମୋ'ଓଡିଶା ।

ମୁଁ ଯେ ଉତ୍କଳୀୟ ଓଡ଼ିଆ ସନ୍ତାନ
ଏଇ ମୋର ପରିଚୟ
ଯେତେ ଦୁରେ ଥିଲେ ହୃଦୟ ଭିତରେ
ଉତ୍କଳ ମାତା ମୋ'ପ୍ରିୟ ।

। ମାହାଙ୍ଗା, କଟକ ।



ସୃଜନୀ ପରିବାର

ଚେନ୍ନାଇ,ତାମିଲନାଡୁ(ଭାରତ)



ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ଟୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସେହି ମାଟି କୁ ମୋ ପ୍ରଣାମ

ଜୟଶ୍ରୀ ପଟ୍ଟନାୟକ



ଯେଉଁ ଭୂଇଁରେ ଚଣ୍ଡାଶୋକ ରୁ
ଧର୍ମାଶୋକ ହେଲେ ଅଶୋକ
ଗଙ୍ଗା ଠାରୁ ଗୋଦାବରୀ ଉଡେ
କଳିଙ୍ଗ ବିଜୟ ପତାକା
ଯା ଭାଷା ମଧୁର, ଭାବ ବି ମଧୁର
ସମ୍ପର୍କ ଅଟେ ମଧୁର
ସଂଗୀତ, କଳା, ନୃତ୍ୟ, ଭାସ୍କର୍ଯ୍ୟରେ
ଯଶ ଉଡଇ ଯାହାର
ସେହି ମାଟିକୁ ମୋ ପ୍ରଣାମ
ଜୟ ଜଗନ୍ନାଥ ଧାମ ।୧।

ଯେଉଁ ମାଟିରେ ଜନମି ଥିଲେ
ଐର ଖାରବେଳ
କାରୁକୀର୍ତ୍ତି ରେ କୋଣାରକ
ଲାଗେ ପ୍ରାଣୋଚ୍ଛଳ
ବିଶ୍ୱ ଦରବାରେ ଜଗନ୍ନାଥ
ଏକା ପରିଚୟ
ଛତିଶ ମସିହା ଅପ୍ରେଲ ମାସ
ଲାଗେ ସ୍ମରଣୀୟ
ସେହି ମାଟିକୁ ମୋ ପ୍ରଣାମ
ଜୟ ଜଗନ୍ନାଥ ଧାମ ।୨।

ବୌଦ୍ଧ, ଜୈନ୍ୟ, ଖଣ୍ଡଗିରି ରେ
ଜାତିର ଶିଳାଲେଖ
ବୀର ପାଇକର ଲହୁରେ ଲେଖା
ଉତ୍କଳ ରୂପରେଖ
ପିପିଲି ଚାନ୍ଦୁଆ ନୌ ବାଣିଜ୍ୟ ରେ
ଉତ୍କଳ ର ପରିଚୟ
ସମ୍ବଲପୁରୀ ବସ୍ତ୍ର ବିଶ୍ୱରେ
ପାଇଛି ସ୍ୱତନ୍ତ୍ର ମାନ୍ୟ
ସେହି ମାଟିକୁ ମୋ ପ୍ରଣାମ
ଜୟ ଜଗନ୍ନାଥ ଧାମ ।୩।

ଓଡ଼ିଶୀ ,ଛଉ, ବାଲୁକା କଳାରେ
ରଖିଛି ନାମ ଯାହାର
ପାଲା, ଭାଗବତ ସଂକୀର୍ତ୍ତନ
ଅଟେରେ ସୁମଧୁର
ସୁଜଳା, ସୁଫଳା, ଶସ୍ୟ, ଶ୍ୟାମଳା
ଆମରି ଜନ୍ମଭୂମି
ପ୍ରଯୁକ୍ତି ବିଜ୍ଞାନ, ଶିଳ୍ପକ୍ଷେତ୍ରରେ
ଦେଇଛି କର୍ମଭୂମି
ସେହି ମାଟିକୁ ମୋ ପ୍ରଣାମ
ଜୟ ଜଗନ୍ନାଥ ଧାମ । ୪।



ମନ୍ଦିର ମାଳିନୀ ସହର ଆମ
ଶୋଭାରେ ଅଟେ ଅଗ୍ରଣୀ
ଗୋପବନ୍ଧୁ ,ସଚ୍ଚି,ଜୟଦେବ ଆଦି
କବିଙ୍କୁ ଦେଇଛି ଆଣି
ପାଷାଣ ଓଠେ ଓଡ଼ିଆ ଶିଳ୍ପୀ
ଫୁଟାଇଛି ଜୀବନ
ଓଡ଼ିଆ ଜାତିର ବରପୁତ୍ର ମାନେ
ରଖିଲେ ଓଡିଶା ନାମ
ସେହି ମାଟିକୁ ମୋ ପ୍ରଣାମ
ଜୟ ଜଗନ୍ନାଥ ଧାମ ।୫ ।

ଦାରିଙ୍ଗିବାଡି ରୁ ଶିମିଳିପାଳ
ଉଡେ ଶାଗୁଆ ପଣତ
ସାଗର ଯାର ଚରଣକୁ
କରୁଥାଏ ଧଉତ
ଶାଗ ବଡ଼ିଚୁରା ପଖାଳ କଂସାରେ
ଲେଖା ଆମ ସ୍ୱାଭିମାନ
ଦେଶ ବିଦେଶରେ ବିଜୁ, ସୁଭାଷ
ରଖିଗଲେ ସୁନାମ
ସେହି ମାଟିକୁ ମୋ ପ୍ରଣାମ
ଜୟ ଜଗନ୍ନାଥ ଧାମ ।୬।

ସଂସ୍କୃତି, ଐତିହ୍ୟ, ପରମ୍ପରା ରେ
ଏ ଜାତି ଅଟେ ମହାନ
ଝରଣା,ପ୍ରକୃତି, ଦର୍ଶନୀୟ ସ୍ଥାନ
ହରିନିଏ ଯାର ମନ
ସାମ୍ୟ, ମୈତ୍ରୀ ଐକ୍ୟ, ସଂହତି
ଆମରି ଐକ୍ୟ ତାନ
ବରପୁତ୍ର ଙ୍କର ରାଇଜ ଇୟେ
କରୁ ଯାର ଗୁଣଗାନ
ସେହି ମାଟିକୁ ମୋ ପ୍ରଣାମ
ଜୟ ଜଗନ୍ନାଥ ଧାମ ।୭।

ଜଟଣୀ, ୯୪୩୮୩୬୮୯୬୬



ସୃଜନୀ ପରିବାର

ଚେନ୍ନାଇ,ତାମିଲନାଡୁ(ଭାରତ)



ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରିଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଧନ୍ୟ ମୋ ଉତ୍କଳ ଭୂଇଁ

ସୁଷମା ପରିଜା

ପୂଣ୍ୟଭୂମି ଏଇ ଉତ୍କଳ ଆମର
ସାରା ଜଗତରେ ସେଇ ଏକା ସାର
ତା' ପରି ଆଉ କେହି ନାହିଁ ରେ
ତା'ର ଯଶ ଗୀତି ଯିବା ଗାଇ ରେ।।

ମନ୍ଦିର ଯାହାର ଅଟେ ଶ୍ରୀ ମନ୍ଦିର
ଅଧାଗଢା ଦିଅଁ , ସେ ବଡ ଠାକୁର
ରତ୍ନ ସିଂହାସନେ ବିଜେ ହୋଇଛନ୍ତି
ଧରି ସାଥିରେ ଭଉଣୀ ଭାଇ ରେ ।।

ସାଗର ଯାହାର ଅଟେ ମହୋଦଧି
କାଳିଆ କରୁଣା ଅଟେ ମହୌଷଧି
ରାଜା ଯହିଁ ଅଟେ ସେବକ ଦିଅଁ ର
ଛେରା ପହଁରା ସେ ରଥେ କରଇ ରେ।।

ଶ୍ମଶାନ ଯାହାର ଅଟେ ସ୍ୱର୍ଗଦ୍ୱାର
ଷାଠିଏ ପଉଟି ଭୋଗ ରୋଷଘର
ଅନ୍ନ ରୁ ଚାଉଳ ନିର୍ମାଲ୍ୟ ହୁଅଇ
ଲାଗେ ଜଗତ ଉଦ୍ଧାର ପାଇଁ ରେ।।

ପ୍ରସାଦ ଟି ଯାର ମହା ପରସାଦ
ପଥ ବଡଦାଣ୍ଡ ଜଗତ ଆରାଧ୍ୟ
ପତିତପାବନ ବାନା ନୀଳଚକ୍ରେ
ଉଡେ ପତିତ ତାରଣ ପାଇଁ ରେ।।

ପଥର ବୁକୁରେ ଯା'ର ଶିଳ୍ପୀକୁଳ
ରଖି ଯାଇଛନ୍ତି ଯଶ ର ସ୍ୱାକ୍ଷର
ସେ ମନ୍ଦିର ନାହିଁ ମୁଖଶାଳା ଖାଲି
ଆଜି ରହିଛି ଅମର ହୋଇ ରେ ।।

ଯା'ର ପ୍ରକୃତି ଶୋଭା ଅତୀବ ମଞ୍ଜୁଳ
ସବୁଜ ବନ କୁ ଝରଣା ଓ ପର୍ବତ ମାଳ
ଯହିଁ ବିରାଜେ ଚିଲିକା ରୂପମୟୀ
ତା'ର ନୈସର୍ଗିକ ଶୋଭା ନେଇ ରେ।।

ଯା' କଳା ର ଉତ୍କର୍ଷ ସାରା ବିଶ୍ୱେ ଖ୍ୟାତ
ତାରକସୀ, ଚାନ୍ଦୁଆ, ଆଉ ପଟ୍ଟ ଚିତ୍ର
ବାନ୍ଧ, ପାଟ ,ମଠା ଜଗତେ ବିଖ୍ୟାତ
ଆମ ଚାରୁ କଳା ପାଇଁ ରେ।।

ମହାପ୍ରତାପୀ ସେ ବୀର ଚଣ୍ଡାଶୋକ
ତରବାରୀ ମୁନେ ଜିଣି ଦେଶ ଯାକ
କଳିଙ୍ଗ ମାଟି ରେ ଯୁଦ୍ଧ କରି ସିଏ
ଧର୍ମାଶୋକ ଥିଲେ ହୋଇ ରେ।।

ଶିଖିଥିଲେ ଯହିଁ ଜୀବନ ର ସତ୍ୟ
ହିଂସା ନୁହେଁ ଶାନ୍ତି ଅଟେ ମୂଳମନ୍ତ୍ର
ଶାନ୍ତି ସ୍ତୁପ ଆଜି ବିଶ୍ୱରେ ବିଖ୍ୟାତ
ହୃଦ ଜିଣି ସେ ବିଶ୍ୱ ବିଜୟ ରେ।।


ସବୁଠୁ ସୁନ୍ଦର ଆମରି ଓଡିଶା
ସୁନ୍ଦର ତା' ବେଶ ସୁନ୍ଦର ତା' ଭାଷା
ସୁନ୍ଦର ତା' ରାତ୍ରି ସୁନ୍ଦର ତା' ଉଷା
ଧନ୍ୟ ତା' କୋଳେ ଜନମି ମୁହିଁ ରେ।।

କଟକ

ସୃଜନୀ ପରିବାର
ଚେନ୍ନାଇ,ତାମିଲନାଡୁ(ଭାରତ)

ବନ୍ଦେ ଉତ୍କଳ ଜନନୀ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଟୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ନବ୍ୟା ଭାରତୀ

ଦୀପକ କୁମାର ଦେ

ନିରବ ନିଶ୍ଚଳ ବାଜେଣୀ ନୂପୁର
ଅଳସୀ କନ୍ୟା ମହାନଦୀ ବ୍ରାହ୍ମଣୀର।
ବିପଦକୂପେ ନିରୁଦ୍ଧ ପ୍ରତୀକ୍ଷାର ସ୍ୱର
ବିଦୀର୍ଣ୍ଣ ଶୋଭା ଉଚ୍ଛୁଳା ଯୌବନର ।

ଭଗ୍ନ ବାରବାଟୀ,ଅସହାୟ ଖଣ୍ଡଗିରି
ଶୀର୍ଣ୍ଣ ଜାତି ଇତିହାସ, ଚିର ମୁକସାକ୍ଷୀ,
ଦୁର୍ବହ ଏଠି ଚୂର୍ଣ୍ଣ କାଳର କବଳେ,
ବିନଷ୍ଟ ,ସମାର୍ଜିତ ତୃପ୍ତି ଧୂମ ତିମିରେ।

ଉଦ୍ଦଣ୍ଡ ବାଲିଝଡ ଆଣେ ଦୁର୍ଦଶା ଭାଲେ
ଭୁଜଙ୍ଗ ଲାଳସେ ,ତପ୍ତବାଲିମୟ ମେଳେ।
ଝଡ଼ିପଡେ ଅକାଳେ ପ୍ରୀତିପଦ ଭୂଷଣ
ସମୟ ଆବର୍ତ୍ତେ ଭୂମିଗତ ସୁରଭି ସଦନ।

ଅପେକ୍ଷା ,ଅଙ୍କୁରିବ ହର୍ଷଭର ନବଭାନୁ
ମର୍ଦ୍ଦନ ହେବ ସତ୍ୱର, ଅମାଶର୍ବରୀ ମନୁ।
ହୃଦେ ହେବ ନୃତ୍ୟ ପୀୟୁଷ ସଙ୍ଗୀତ ତୃପ୍ତି,
ଜାଳି ହୃଦବହ୍ନି ବିଚରିବ ନବ୍ୟା ଭାରତୀ।

ହସିବ ପାଷାଣ ଶୀଷ୍ମ ତୃଷାର୍ତ୍ତ ଅଧରେ
ଦିଗନ୍ତ ପ୍ରସାରି ଉଷା ଆଲୋକ ପରାଏ।
ବୁକୁ ତଳ ରମ୍ୟ ଉପବନେ ପ୍ରେମ ସ୍ୱର୍ଗେ
ପ୍ରାଣ ମନ୍ଦିରେ,ପ୍ରୀତିବଚନେ,ସ୍ମୃତି ସୁବାସେ।

ଅନୁଗୋଳ , ଓଡିଶା